**ଗ୍ରାମୀଣ କୃଷି ମୌସମ ସେବା**
**ଭାରତ ପାଣିପାଗ ବିଜ୍ଞାନ ବିଭାଗ**
**ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ**
**ଭୁବନେଶ୍ୱର, ଓଡିଶା**

ଘୁ. ଉଦୟଗିରି, ଓଡିଶା : ୨୪.୦୧.୨୦୨୪ (ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

Sri Rahul Kumar Sahu
Jr. Agrometeorologist

**ସପ୍ତାହ ସଂଖ୍ୟା- ୦୪**
**ତାରିଖ ୨୪.୦୧.୨୦୨୪**
**ବୁଲେଟିନ ନଂ.୦୭**

## ଭାରତ ପାଣିପାଗ ବିଜ୍ଞାନ ବିଭାଗ, ଭୁବନେଶ୍ୱର ଅନୁଯାୟୀ ପାଣିପାଗ ପୂର୍ବାନୁମାନ (୨୯.୦୧.୨୦୨୪) ପର୍ଯ୍ୟନ୍ତ

**ଜିଲ୍ଲା କନ୍ଧମାଳ** – ଭାରତ ପାଣିପାଗ ବିଜ୍ଞାନ ବିଭାଗ ଭୁବନେଶ୍ୱର ର ପୂର୍ବାନୁମାନ ଅନୁଯାୟୀ, କନ୍ଧମାଳ ଜିଲ୍ଲାରେ ଆସନ୍ତା ୨୫ ଓ ୨୬ ତାରିଖରେ ହାଲୁକା ବର୍ଷା ହେବ ଏବଂ ପରବର୍ତୀ ଦିନ ଗୁଡିକରେ ବର୍ଷା ହେବାର ସମ୍ଭାବନା ନାହି, ଏହା ସହ ଆକାଶ ସଫା ରୁ ମେଘଛନ୍ନ ରହିପାରେ। ପବନର ବେଗ ୦୫ କି.ମି. ବେଗ ମଧରେ ରହିପାରେ। ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୧-୨୫ ଏବଂ ୧୩-୧୪ ଡିଗ୍ରୀ ସେଲସିୟସ ରହିବ। ସର୍ବୋଚ୍ଚ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଗତ ସପ୍ତାହ ଠାରୁ ଅଧିକ ରହିବ ଏବଂ ଯଥାକ୍ରମେ ଶତକଡା ୭୨-୯୭% ଏବଂ ୨୪-୬୪% ମଧରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ମିମି) ( | ସର୍ବାଧିକ ତାପମାତ୍ରା (°ସେଲସିୟସ) | ସର୍ବନିମ୍ନ ତାପମାତ୍ରା(°ସେଲସିୟସ ) | ମେଘାଛନ୍ନ (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | ପବନ ର ବେଗ ଘଣ୍ଟା ପ୍ରତି (କିମି) | ପବନ ର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କନ୍ଧମାଳ | ୨୫-୦୧-୨୦୨୪ | ୧୫ | ୨୧ | ୧୪ | ୮ | ୯୭ | ୬୪ | ୫ | ୧୦୫ |
| | ୨୬-୦୧-୨୦୨୪ | ୫ | ୨୩ | ୧୪ | ୭ | ୯୪ | ୪୩ | ୫ | ୧୩୫ |
| | ୨୭-୦୧-୨୦୨୪ | ୦ | ୨୪ | ୧୩ | ୨ | ୮୮ | ୩୪ | ୫ | ୧୫୮ |
| | ୨୮-୦୧-୨୦୨୪ | ୦ | ୨୫ | ୧୩ | ୨ | ୮୫ | ୨୫ | ୫ | ୧୭୨ |
| | ୨୯-୦୧-୨୦୨୪ | ୦ | ୨୫ | ୧୩ | ୧ | ୭୨ | ୨୪ | ୫ | ୧୯୫ |

### କୃଷିପାଣିପାଗ ଉପଦେଶାବଳୀ

- ଆସନ୍ତା ବର୍ଷ ପାଗକୁ ଦେଖି ଚାଷୀ ଭାଇ ମାନେ ନିମ୍ନଲିଖିତ ନିର୍ଦ୍ଦେଶବଳୀ କୁ ଅନୁକରଣ କରନ୍ତୁ।
- ବର୍ଷା ଛାଡିବା ପର୍ଯ୍ୟନ୍ତ କୀଟନାଶକ ପ୍ରୟୋଗ ରୁ ବିରତ ରୁହନ୍ତୁ।
- ଧାନ ବିଲରେ ବନ୍ଧା ବନ୍ଦ କରନ୍ତୁ ଯାହା ଫଳରେ ବର୍ଷା ପାଣିକୁ ସଂଗ୍ରହ କରିହବ।
- ପନିପରିବା ଜାତୀୟ ଫସଲରୁ ବର୍ଷା ପାଣିକୁଆ ବାହାର କରିବା ପାଇଁ ବ୍ୟବସ୍ଥା କରନ୍ତୁ।
- ବର୍ଷା ପାଇଁ ଗଜା ନଉଠିଥିବା ଜାଗାରେ ଆଉ ଥରେ ମଞ୍ଜି ବୁଣନ୍ତୁ।
- ବର୍ଷା ପାଗରେ ଗେଣ୍ଡୁ ରେ ଧଳା ରୋଗ(powdery mildew) ଦେଖା ଦେଇଥାଏ, ବର୍ଷା ଛାଡିଲା ପରେ Sulfex @୩ଗ୍ରାମ/ଲିଟର ପାଣିରେ ମିଶେଇ ସିଂଚନ କରନ୍ତୁ।
- ମକା, ଗହମ ଓ ତେଲ ପିଡିଆ ଆଦି ଗୋଖାଦ୍ୟ କୁ ଦୈନିକ ୩ କେଜି ହିସାବରେ ବଡ ପଶୁ ମାନଙ୍କୁ ଦିଅନ୍ତୁ ଯାହା ଦ୍ୱାରା ତାଙ୍କ ଶରୀରର ତାପମାତ୍ରା ଠିକ ରହିବ ।

## ଧାନ–

- ପ୍ରାରମ୍ଭ ଅବସ୍ଥାରେ ଧାନ ଗଛକୁ ପାଣି ଦରକାର ହୋଇଥାଏ, ବର୍ଷା ପାଗକୁ ଦେଖି ବିଲରେ ପାଣିକୁଆ ରଖିବାର ବ୍ୟବସ୍ଥା କରନ୍ତୁ।
- ବର୍ଷା ଛାଡିବା ପର୍ଯ୍ୟନ୍ତ କିଛି କୀଟନାଶକ ପ୍ରୟୋଗ ନାହିଁ।

## ଗେଣ୍ଡୁ ଫୁଲ :

- ବର୍ଷା ପାଗରେ ଗେଣ୍ଡୁ ରେ ଧଳା ରୋଗ(powdery mildew) ଦେଖା ଦେଇଥାଏ, ବର୍ଷା ଛାଡିଲା ପରେ Sulfex @୩ଗ୍ରାମ/ଲିଟର ପାଣିରେ ମିଶେଇ ସିଂଚନ କରନ୍ତୁ।

## ହରଡ –

- ଅବସ୍ଥା- ଫଳନ୍ତି
- ହରଡରୁ ଅତ୍ୟଧିକ ପାଣିର ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ନହେଲେ ଗଛ ମୂଳ ପାଚିଯିବାର ସମ୍ଭାବନା ଥାଏ।

## ସୋରିଷ:

- ଅବସ୍ଥା- ଅମଳ
- ପାଚିଯାଇଥିବା ଫସଲକୁ ବର୍ଷା ଆସିବା ପୂର୍ବରୁ କାଟି ଆଣି ସୁରକ୍ଷିତ ଜାଗାରେ ସାଇତି ରଖନ୍ତୁ।

## ହଳଦୀ:

- ଅବସ୍ଥା- ଅମଳ
- ଆସନ୍ତା ବର୍ଷା ପାଗକୁ ଦେଖି ଚାଷୀମାନେ ବିଲରେ ପାଣି ମଡେଇବା ଦରକାର ନାହି, ବର୍ଷା ହେଲା ପରେ ମାଟି ଆପେ ଓଦା ହେଇ ନରମ ହୋଇଯିବ ଏବଂ ଏହା ହଳଦୀ ଖୋଳିବାରେ ସହାୟକ ହେବ।

## ଗୋପାଳନ :

- ଶୀତ ଦିନରେ ନିଜ ଦେହକୁ ଗରମ ରଖିବା ପାଇଁ ଏବଂ କ୍ଷୀର ଉତ୍ପାଦନ କୁ ବଜାୟ ରଖିବା ପାଇଁ ଗାଈ ଗୋରୁଙ୍କୁ ଅଧିକ ପରିମାଣରେ ଖାଦ୍ୟ ଆବଶ୍ୟକ।
- ମକା, ଗହମ ଓ ତେଲ ପିଡିଆ ଆଦି ଗୋଖାଦ୍ୟ କୁ ଦୈନିକ ୩ କେଜି ହିସାବରେ ବଡ ପଶୁ ମାନଙ୍କୁ ଦିଅନ୍ତୁ ।

**For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).**

ASSOCIATE DIRECTOR OF RESEARCH & NODAL OFFICER